# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**10 February – 2025**

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ଣ ୧୧ଟାରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହିତ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପ୍ରସଙ୍ଗ ଉପରେ ପର୍ଯ୍ୟବସିତ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍, ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍ ଗୁଡ଼ିକରେ ଲାଇଭ୍ ଷ୍ଟ୍ରିମିଂ ହେବ ।

ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଆଲୋଚନା କରିବେ।

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନେକଙ୍କ ଜୀବନ ପରିବର୍ତ୍ତନ କରିବାରେ ସହାୟକ ହୋଇଛି ବୋଲି ଗଜପତି ଜବାହାର ନେହେରୁ ନବୋଦୟ ବିଦ୍ୟାଳୟର ଛାତ୍ରୀ କହିଛନ୍ତି....

**- V/O –**

# ବାରବାଟୀ ମ୍ୟାଚ୍

ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଚଳିତ ସିରିଜ୍‌ର ଦ୍ୱିତୀୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ଗତକାଲି କଟକର ବାରବାଟୀ ଷ୍ଟାଡିୟମରେ ଭାରତ’ ଇଂଲଣ୍ଡକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ କଟକ ବାରବାଟୀ ଷ୍ଟାଡିୟମରେ କ୍ରମାଗତ ଭାବେ ୮ମ ଦିନିକିଆ ମ୍ୟାଚ୍ ଜିତିଛି । ଇଂଲଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ରୋହିତ ଶର୍ମାଙ୍କ ଚମତ୍କାର ଖେଳ ପ୍ରଦର୍ଶନ ଫଳରେ ୬ ଓ୍ୱିକେଟ୍ ବିନିମୟରେ ଭାରତ ୩୦୫ ରନ୍ ହାସଲ କରି ବିଜୟ ହୋଇଥିଲା । ରୋହିତ ଶର୍ମାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ-ଟିବିମୁକ୍ତ କାର୍ଯ୍ୟକ୍ରମ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧାନ ଆଜି ଢେଙ୍କାନାଳ ମିନିଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଟିବିମୁକ୍ତ ଓ ନିକ୍ଷୟମିତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଲୋକସଭା ସାଂସଦ ଓ ବିଧାୟକମାନେ ଯୋଗଦେବେ ବୋଲି ଜଣାପଡିଛି।

# ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ

ଓଡ଼ିଶାରେ ବଜ୍ରପାତ, କୁଆପଥର ବୃଷ୍ଟିଜନିତ ମୃତ୍ୟୁ ଏବଂ ଆହତ ଘଟଣାରେ ପରିଜନଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ଜାତୀୟ ମାନବାଧିକାର ଆୟୋଗ

ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ଜୀବନ ବଞ୍ଚାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ରାଜ୍ୟ ସରକାର ଆୟୋଗକୁ ଜଣାଇଛନ୍ତି ।

## ମହିଳା କମିଶନ ଓଡ଼ିଶା ଗସ୍ତ

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତ୍କର ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗ ଦେବେ। ଏହାସହ ମାନବ ଚାଲାଣ ନିରାକରଣ, ଯୌନ ଉତ୍ପୀଡନ ବିରୋଧି ଆଇନ୍ ଓ ବାଲ୍ୟ ବିବାହ ନିରାକରଣରେ ରାଜ୍ୟର ସ୍ଥିତି ବିଷୟରେ ସମୀକ୍ଷା କରିବେ ବୋଲି ଜଣାପଡିଛି।

# ଫାଇଲେରିଆ ନିରାକରଣ-ଔଷଧ

ଫାଇଲେରିଆ ନିରାକରଣ ପାଇଁ କଟକ, ନୟାଗଡ, କନ୍ଧମାଳ, ରାୟଗଡା, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ଆଜିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ ଦିଆଯିବ । ଫାଇଲେରିଆ ନିରୋଧକ ଔଷଧ ସହିତ କୃମିନାଶକ ଔଷଧ ସହିତ ଦିଆଯିବ । ଗର୍ଭବତୀ ମହିଳା, ଦୁଇବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ଲୋକମାନଙ୍କୁ ଫାଇଲେରିଆ ଔଷଧ ସେବନ ନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଆଜି ରାଜ୍ୟର ୨୪ଟି ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି । ଏକବର୍ଷରୁ ୧୯ ବର୍ଷ

ବୟସର ପିଲା ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ବିଦ୍ୟାଳୟ ଯାଉନଥିବା ଛୋଟପିଲାମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀମାନେ ଔଷଧ ଖାଇବାକୁ ଦେବେ । ଏହାସହିତ ଚଳିତମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟିକାକରଣ ଶିବିରରେ ୯ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଭିଟାମିନ୍ 'ଏ' ଦ୍ରବଣ ଖାଇବାକୁ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

## ବିଏସ୍ଏନ୍ଏଲ୍-୪ଜି ସେବା

ଟେଲିଫୋନ୍ ସେବା ପ୍ରଦାନକାରୀ ସରକାରୀ ସଂସ୍ଥା ବିଏସ୍ଏନ୍ଏଲ୍‌କୁ କେନ୍ଦ୍ର ସରକାର ୬ହଜାର କୋଟି ଟଙ୍କା ଦେବେ । ଗ୍ରାହକମାନଙ୍କ ନିକଟରେ ୪-ଜି ସେବା ଏବଂ ଟେଲିକମ୍ ବ୍ୟବସ୍ଥାର ଭିତ୍ତିଭୂମିକୁ ମଜଭୁତ କରିବା ଲାଗି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଣ୍ଠିକୁ ବିନିଯୋଗ କରି ଦେଶର ୧ଲକ୍ଷ ସ୍ଥାନରେ ବିଏସ୍ଏନ୍ଏଲ୍ ପକ୍ଷରୁ ୪-ଜି ସେବା ଯୋଗାଇ ଦିଆଯିବ ।

## ଭୁବନେଶ୍ୱର ବିମାନ ବନ୍ଦର

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଦୈନିକ ୧୦୦ରୁ ଊର୍ଦ୍ଧ୍ୱ ବିମାନ ଚଳାଚଳ କରୁଥିବା ଜଣାପଡିଛି । ସୂଚନା ଅନୁସାରେ ଦୈନିକ ୫୨ଟି ବିମାନ ଦେଶର ବିଭିନ୍ନ ସ୍ଥାନକୁ ଯିବାଆସିବା

କରୁଛନ୍ତି । ୨୦୨୪ ମସିହାରେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଦେଇ ପ୍ରାୟ ୪୬ଲକ୍ଷ ଯାତ୍ରୀ ଯିବାଆସିବା କରିଥିଲେ । ବିମାନ ବନ୍ଦ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଚଳିତବର୍ଷ ଏହି ବିମାନ ବନ୍ଦରର ଯାତ୍ରୀଙ୍କ ସଂଖ୍ୟା ୫୦ଲକ୍ଷ ଅତିକ୍ରମ କରିବାର ସମ୍ଭାବନା ଅଛି । ବିମାନ ବନ୍ଦରରୁ ଭୁବନେଶ୍ୱରରୁ ଦିଲ୍ଲୀକୁ ଏବଂ ଦିଲ୍ଲୀରୁ ଭୁବନେଶ୍ୱରକୁ ଅଧିକ ସଂଖ୍ୟାରେ ଯାତ୍ରୀ ଯିବାଆସିବା କରିଥାନ୍ତି ।

# ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଗତ ୩ ଦିନରେ ବିଭିନ୍ନ ସ୍ଥାନରେ ସର୍ବାଧିକ ୯ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଥିଲା । ଅନ୍ୟପକ୍ଷରେ କୋରାପୁଟ, ନବରଙ୍ଗପୁର, ଗଜପତି, ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡିର ସମ୍ଭାବନା ରହିଛି ।